ଲୁଚିବା (luchibā)—to hide
ଲୁଗା (lugā)—cloth
ଲେଖକ (lēkhaka)—writer
ଲେଖିବା (lēkhibā)—to write
ଲେମ୍ବୁ (lēmbu)—lemon

(śa)

ଶକ୍ତ (śakta)—hard
ଶକ୍ତି (śakti)—strength
ଶତ୍ରୁ (śatru)—enemy
ଶବ୍ଦ (śabda)—sound, word
ଶୟନ (śayana)—lying
ଶରୀର (śarīra)—body
ଶସ୍ୟ (śasya)—grain
ଶାକ-ସବଜି (śāka-sabaji)—vegetable
ଶାନ୍ତି (sānti)—peace
ଶାପ (śāpa)—curse
ଶାସନ (śāsana)—rule
ଶିକୁଳି (śikuḷi)—chain
ଶିକାର (śikāra)—hunting
ଶିକାରୀ (śikārī)—hunter
ଶିଳ୍ପ (śiḷpa)—handicraft, art
ଶିଶୁ (śiśu)—child
ଶିଷ୍ୟ (śiṣya)—disciple
ଶୀତ (śīta)—cold
ଶୀତକାଳ (śītakāḷa)—winter
ଶୁଖାଇବା (śukhāibā)—to dry
ଶୁଙ୍ଘିବା (śuṅghibā)—to smell
ଶୁଦ୍ଧ (śuddha)—pure
ଶୁଣିବା (śuṇibā)—to hear
ଶୁଭ (śubha)—auspicious
ଶୂକର (śūkara)—boar
ଶୂନ୍ୟ (śūnya)—empty, zero
ଶୃଗାଳ (śrugāḷa)—jackal
ଶୃଙ୍ଖଳ (śruṅkhaḷa)—chain
ଶେଷ (śēṣa)—end
ଶୋକ (śōka)—lamentation
ଶ୍ୱଶୁର (śwaśura)—father-in-law
ଶାଶୁ (śāśu)—mother-in-law
ଶ୍ୱେତ (śwēta)—white

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଶ୍ମଶାନ (śmaśāna)— cremation ground

ଶ୍ରମ (śrama)—labour

ଶ୍ରମିକ (śramika)—labourer

ଶ୍ରେଣୀ (śrēṇī)—class

ଶ୍ରେଷ୍ଠ (śrēṣṭha)—chief, best

ସଂକ୍ରାମକ (saṅkrāmaka)— infectious

ସଂଖ୍ୟା (saṅkhyā)—number

ସଂଗ୍ରହ (saṅgraha)—collection

ସଂଜ୍ଞା (sañgā)—definition, sense

ସମ୍ବାଦ (saṁbāda)—news

ସଂଯମ (saṁjama)—restraint

ସକଳ (sakaḷa)—all

ସକାଳ (sakāḷa)—morning

ସଙ୍କଳ୍ପ (saṅkaḷpa)—determination

ସତର (satara)—seventeen

ସତୁରି (saturi)—seventy

ସତ୍ୟ (satya)—truth

ସଦସ୍ୟ (sadasya)—member

ସନ୍ଦେହ (sandēha)—suspicion

ସନ୍ଧ୍ୟା (sandhyā)—evening

ସପୁରି (sapuri)—pine apple

ସଭା (sabhā)—meeting

ସଭ୍ୟ (sabhya)—civilized

ସମଗ୍ର (samagra)—entire

ସମୟ (samaya)—time

ସମସ୍ୟା (samasyā)—problem

ସମାନ (samāna)—equal

ସମାପ୍ତ (samāpta)—end, completed

ସମାଲୋଚନା (samālōchanā)— criticize, review

ସମୁଦ୍ର (samudra)—ocean

ସମ୍ପତ୍ତି (sampatti)—property

ସମ୍ପାଦକ (sampādaka)—editor, secretary

ସମ୍ପ୍ରଦାୟ (sampradāya)—sect, community

ସମ୍ବନ୍ଧ (sambandha)—relation

ସମ୍ମାନ (sammāna)—honour

ସର୍ବଦା (sarbadā)—always

ସରଳ (saraḷa)—straight, sincere

ସହଜ (sahaja)—easy

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ସହସା (sahasā)—suddenly

ସହସ୍ର (sahasra)—thousand

ସାକ୍ଷୀ (sākkhī)—witness

ସାଗର (sāgara)—ocean

ସାତ (sāta)—seven

ସାଧାରଣ (sādhāraṇa)—common

ସାପ (sāpa)—snake

ସାବଧାନ (sābadhāna)—careful

ସାମୟିକ (sāmayika)—temporary

ସାମରିକ (sāmarika)—military

ସାମାଜିକ (sāmājika)—social

ସାଲ (sāla)—year

ସାହସ (sāhasa)—courage

ସାହସୀ (sāhasī)—brave

ସାହାଯ୍ୟ (sāhājya)—help

ସାହିତ୍ୟ (sāhitya)—literature

ସିଂହ (siṁha)—lion

ସିଲାଇ (silāi)—sewing

ସୁଖ (sukha)—happiness

ସୁନ୍ଦର (sundara)—beautiful

ସୁନା (sunā)—gold

ସୂତା (sūta)—thread

ସୂର୍ଯ୍ୟ (sūrjya)—sun

ସୃଷ୍ଟି (sruṣṭi)—creation

ସେବକ (sēbaka)—servant, worker

ସେବା (sēbā)—service

ସୈନ୍ୟ (sainya)—soldier

ସ୍ତନ (stana)—nipple, breast

ସ୍ତ୍ରୀ (strī)—woman, wife

ସ୍ଥାନ (sthāna)—place

ସ୍ଥାନୀୟ (sthānīya)—local

ସ୍ନାନ (snāna)—bath

ସ୍ନେହ (snēha)—affection

ସ୍ପର୍ଶ (sparśa)—touch

ସ୍ପଷ୍ଟ (spaṣṭa)—clear

ସପ୍ତାହ (saptāha)—week

ସ୍ୱପ୍ନ (swapna)—dream

ସ୍ୱର୍ଗ (swarga)—heaven

ସ୍ୱାମୀ (swāmi)—master, husband

ସ୍ୱାସ୍ଥ୍ୟ (swāsthya)—health

ସ୍ମୃତି (smruti)—memory

ସ୍ରଷ୍ଟା (sraṣṭā)—creator

ସ୍ରୋତ (srōta)—current

CC-O. Nanaji Deshmukh Library, BJP, Jammu. An eGangotri Initiative

(ha)

Vinay Avasthi Sahib Bhuvan Vani Trust Donations

ହରିଣ (hariṇa)—deer

ହଳ (haḷa)—plough

ହସ (hasa)—laugh

ହଜାର (hajāra)—thousand

ହାଡ଼ (hāṛa)—bone

ହାତ (hāta)—hand

ହାତୀ (hātī)—elephant

ହିଂସା (hiṁsā)—violence, malice

ହିତ (hita)—welfare, benefit

ହୃଦୟ (hrudaya)—heart

ହ୍ରଦ (hrada)—lake

କ୍ଷମା (kkhamā)—excuse

କ୍ଷୁଧା (kkhudhā)—hunger

କ୍ଷୁଧାର୍ତ୍ତ (kkhudhārta)—hungry

CC-O. Nanaji Deshmukh Library, BJP, Jammu. An eGangotri Initiative

LESSON 16

Vinay Avasthi Sahib Bhuvan Vani Trust Donations

Idioms and Proverbs

ବାକ୍‌ପଦ୍ଧତି ଓ ପ୍ରଚଳିତ ବାକ୍ୟ

(Bākpaddhati o Prachaḷita Bākya)

IDIOMS

ଅକ୍ଷମ କ୍ରୋଧ (akkhama krōdha)—impotent anger.

ଅଚଳ (achaḷa)—null and void.

ଅଚିରେ (achirē)—in no time.

ଅତି ଦର୍ପେ ହତ ଲଙ୍କା (ati darpē hata laṅkā)—pride goes before a fall.

ଅତି ଲୋଭେ ତନ୍ତୀ ମରେ (ati lōbhē tantī marē)—all covet all lost.

ଅଭ୍ରାନ୍ତ ବିଚାର (abhrānta bichāra)—infallible judgment.

ଅପୂରଣୀୟ କ୍ଷତି (apūraṇīya kkhati)—irreparable loss.

ଅବିନଶ୍ୱର ଯଶ (abinashwar jasha)—immortal fame.

ଅରଣ୍ୟ ରୋଦନ (araṇya rodana)—cry in the wilderness.

ଅସୁସ୍ଥ (asustha)—out of sorts.

ଅଭ୍ୟସ୍ତ (abhyasta)—at home in.

ଅନୁରୋଧରେ (anurōdharē)—at the request of.

ଆପଦେ ବିପଦେ (āpadē bipadē)—in well and woe.

ଆପାଦମସ୍ତକ (āpādamastaka)—from head to foot.

ଆସନ୍ନ ବିପଦ (āsanna bipada)—imminent danger.

ଉତ୍ଥାନପତନ (utthānapatana)—ups and downs.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଏକସଙ୍ଗେ (ēkasaṅgē)—at a stretch.

ଏକ ସ୍ୱରରେ (ēka swararē)—with one voice.

କଥା ପ୍ରସଙ୍ଗରେ (kathā prasaṅgarē)—by the bye.

କଳି ମଞ୍ଜି (kaḷi mañji)—apple of discord.

କଷ୍ଟ ନ ଥାଇ କୃଷ୍ଣ ପ୍ରାପ୍ତି ହୁଏ ନାହିଁ (kaṣṭa na thāi krushṇa prāpti huyē nāhiñ)—no rose without thorn ; no pain, no gain.

କଣ୍ଟକମୟ ଶଯ୍ୟା (kaṇṭakamaya śajyā)—bed of thorns.

କାହାର ପୌଷମାସ କାହାର ସର୍ବନାଶ (kāhāra pauṣamāsa kāhāra sarbanāśa) —some have hap, some stick in the gap.

କୁଳାଙ୍ଗାର (kuḷāṅgāra)—black sheep.

କୋଳାହଳ (kōḷāhaḷa)—hue and cry.

କୌଣସିମତେ (kauṇasimatē)—any how.

ଖୁବ୍ ଚଞ୍ଚଳ (khub chañchaḷa)—by leaps and bounds.

ଖୁସ୍ ମିଜାଜ (khus mijāj)—in good humour.

ଖେଳାମେଳା (khēḷameḷa)—at sixes and sevens.

ଖୋଲାଖୋଲି (khōlākhōli)—above board.

ଗତସ୍ୟ ଶୋଚନା ନାସ୍ତି (gatasya śōchanā nāsti)—let by-gones be by-gones.

ଘୋଡ଼ା ଡିମ୍ବ (ghōṛā ḍimba)—mare's nest.

ଘୋର ବିରୋଧୀ (ghōra birodhī)—dead against.

ଘୋର ଶତ୍ରୁରୂପେ (ghōra śatrurūpē)—at daggers drawn.

ଜରୁରୀ ସମସ୍ୟା (jarurī samasyā)—burning problem.

ଜଳରେ କୁମ୍ଭୀର ସ୍ଥଳରେ ବାଘ (jaḷarē kumbhira sthaḷarē bāgha)—between the devil and the deep sea.

ତୁଳନାଯୋଗ୍ୟ ହେବା (tuḷanājōgya hēbā)—to hold candle.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଦୁର୍ଭାଗ୍ୟବଶତଃ (durbhāgyabaśata)—as ill luck would have it.

ଧରାବନ୍ଧା (dharābandhā)—hard and fast.

ନାକରେ ଦଉଡ଼ି ବେକରେ ପଘା (nākarē dạuṛi bēkarē paghā)—to lead by the nose.

ପଲ୍ଲବଗ୍ରାହୀ (pallabagrāhī)—jack-of-all-trades.

ପରମ ଭଣ୍ଡ (parama bhanḍa)—a wolf in a sheep's skin.

ପରିଶେଷରେ (parishēṣarē)—at length.

ପୂରା ଦମରେ (pūrā damarē)—in full swing.

ପ୍ରଭୂତ ସମ୍ପଦ (prabhūta sampada)—immense wealth.

ପ୍ରସଙ୍ଗକ୍ରମେ (prasaṅgakramē)—by the way.

ପ୍ରରୋଚନାରେ (prarōchanārē)—at the instigation of.

ପ୍ରଚଳିତ (prachaḷita)—in vogue.

ବଡ଼ଭାଗ (baṛabhāga)—lion's share.

ବିନା ମେଘରେ ବଜ୍ରପାତ (binā mēgharē bajrapāta)—a bolt from the blue.

ବିପଦରେ ପଡ଼ିବା (bipadarē paṛibā)—to burn one's finger.

ବିପଦଗ୍ରସ୍ତ (bipadagrasta)—involved in danger.

ବିଫଳ ହୋଇଯିବା (biphaḷa hōijibā)—to end in smoke.

ବୁଦ୍ଧି ହଜିବା (buddhi hajibā)—at one's wit's end.

ବ୍ୟର୍ଥ ପ୍ରୟାସ (byartha prayāsa)— fruitless endeavour.

ଭିତର ବାହାର ସବୁ ଘଟଣା (bhitara bāhāra sabu ghaṭaṇā)—ins and outs. pros and cons.

ମିଛ କାନ୍ଦ (michha kānda)—crocodile tears.

ମୁହାଁମୁହିଁ (muñhāmuhiñ)—face to face.

ମୋଟ ଉପରେ (mōṭa uparē)—after all.

ଯଥା ପୂର୍ବ ତଥା (jathā pūrba tathā)—as usual.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଯାଯାବର ଜୀବନ (jājābara jībana)—nomadic life.

ରକ୍ତ ମାଂସର ଶରୀର (rakta māṅsara śarīra)—flesh and blood.

ଲକ୍ଷ୍ୟହୀନ ଭାବରେ (lakkhahīna bhābarē)—aimlessly.

ଲାଗିପଡ଼ିବା (lāgipaṛibā)—to be up and doing.

ଲୋମହର୍ଷଣକାରୀ ବାଗ୍ମିତା (lōmaharṣaṇakārī bāgmitā)—thrilling eloquence.

ଶୁଭଦୃଷ୍ଟିରେ (śubhadruṣṭirē)—in the good book of.

ଶେଷ ମୁହୂର୍ତ୍ତରେ (śēṣa muhūrtarē)—at the eleventh hour.

ସତ୍ ଓ ସାଧୁ (sat o sādhu)—fair and square.

ସତର୍କ (satarka)—careful.

ସତେ ଯେପରି (satē jēpari)—as it were.

କ୍ରମେ କ୍ରମେ (kramē kramē)—by and by.

ସର୍ବେସର୍ବା (sarbēsarbā)—all in all.

ସାରକଥା (sārakathā)—sum and substance.

ସାକ୍ଷୀ ଗୋପାଳ (sākkhī gōpāḷa)—a mere puppet.

ସୀମାତୀତ ଭାବରେ (sīmātīta bhābarē)—beyond measure.

ସ୍ମରଣାତୀତ କାଳରୁ (smaraṇātīta kāḷaru)—from time immemorial.

ହଡ଼କ ଦେଇଁଯିବା (haṛaka dēiñjibā)—at a loss.

ହାତେହାତେ (hātēhātē)—hand to hand.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

PROVERBS

ଅନ୍ଧ ଦେଶରେ ଦର୍ପଣ ବିକିବା—To cast pearls before the swine.

ଅତି ଭକ୍ତି ଚୋରର ଲକ୍ଷଣ—Too much courtesy, too much craft.

ଅଳ୍ପ ବିଦ୍ୟା ଭୟଙ୍କରୀ—Little learning is a dangerous thing.

ଆତୁରେ ନିୟମ ନାସ୍ତି—Necessity knows no law.

ଆପେ ଭଲ ତ ଦୁନିଆଁ ଭଲ—To the pure all things are pure.

ଆୟ ଦେଖି ବ୍ୟୟ କର—Cut your coat according to your cloth.

ଇଚ୍ଛାଥିଲେ ଉପାୟ ଅଛି—Where there is a will there is a way.

ଏକା ମାଘରେ ଶୀତ ଯାଏ ନାହିଁ—One swallow does not make a summer.

ଏକା ହାତରେ ତାଳି ବାଜେ ନାହିଁ—It takes two to make a quarrel.

କଣ୍ଟକେ ନୈବ କଣ୍ଟକମ୍—With foxes you must play the fox.

କହିବା ବଡ଼ ସହଜ କରିବା ବଡ଼ କଠିନ—Easier said than done.

ତିଳକୁ ତାଳ କରିବା—To make a mountain of a mole-hill.

ତୁଳସୀ ଦୁଇ ପତ୍ରରୁ ବାସେ—Morning shows the day.

ତେଲିଆ ମୁଣ୍ଡରେ ତେଲ—To carry coal to Newcastle.

ଧୀର ପାଣି ପଥର କାଟେ—Slow and steady wins the race.

ନାନା ମୁନିଙ୍କର ନାନା ମତ—{ Many men, many minds.
Doctors differ.

ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ—Something is better than nothing.

ନିର୍ବାଣ ଦୀପେ କିମୁ ତୈଳ ଦାନଂ—After death comes the doctor.

ପାଞ୍ଚ ସାତକା ଲାଠି ଏକ ଜଣକା ବୋଝ—Many a little makes a mickle.

ପାପ ଧନ ପ୍ରାୟଶ୍ଚିତ୍ତରେ ଯାଏ—Ill got, ill spent.

ଫଳେନ ପରିଚୀୟତେ—A tree is known by its fruits.

ବହୁତ ମଣିଷରେ ମୂଷା ମରେ ନାହିଁ—Too many cooks spoil the broth.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ମୁନେରପି ମତିଭ୍ରମ—To err is human.

ମୌନଂ ସମ୍ମତି ଲକ୍ଷଣମ୍—Silence gives consent.

ଯେପରି ବାପ ସେପରି ପୁଅ—Like father like son.

ଯେପରି କର୍ମ ସେପରି ଫଳ—As you sow, so will you reap.

ଯେତେ ଭାଇ ସେତେ ଠା।—Brothers will part.

ଯେସାକୁ ତେସା।—Tit for tat.

ଶସ୍ତାର ତିନ ଅବସ୍ଥା।—Cheap goods are bitter in the long run.

ଶିରୋନାସ୍ତି ଶିରୋବ୍ୟଥା।—A beggar cannot be bankrupt.

ସେ ରାମ ନାହାନ୍ତି କି ସେ ଅଯୋଧ୍ୟା ନାହିଁ—Woe the times ! Woe the manners ?

ହାଣି ନ ଜାଣି କଟୁରିର ଦୋଷ—A bad workman quarrels with his tools.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

LESSON 17

Conversation in Oriya

ଓଡ଼ିଆରେ କଥାବାର୍ତ୍ତା

Govinda—କିରେ ଗୋପାଳ, ଆଜିକୁ କେତେଦିନ ହେଲା ମୁଁ ତୋତେ ଦେଖି-ନାହିଁ, ଭଲ ତ ?

Hallo Gopal ! I have not seen you for many days. I hope you are well.

Gopala—ଧନ୍ୟବାଦ, ମୁଁ ଭଲ ଅଛି । କିଛିଦିନ କଟକର ବାହାରେ ଥିଲି ।

Thanks, I am all right. I was out of Cuttack for some days.

Govinda—କାହିଁକି, କେଉଁଠାକୁ ଯାଇଥିଲ ?

Why, where had you been ?

Gopala—ପୁରୀ ଯାଇଥିଲି । ସେଠାରେ ଦାଦା ଅସୁସ୍ଥ ଥିଲେ ।

I had been to Puri. There my uncle was ill.

Govinda—ବର୍ତ୍ତମାନ ସେ କିପରି ଅଛନ୍ତି ?

CC-0. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Gopala—ଏହିକ୍ଷଣି ସେ ଭଲ ଅଛନ୍ତି । ଧନ୍ୟବାଦ ।

He is quite well now, thank you.

Naresh—ଖବର କ'ଣ ? ଅନେକ ଦିନ ପରେ ଦେଖା ହେଲା ।

What about you ? I am seeing you after a very long time.

Suresh—ହଁ ଭାଇ, ଏକ ଜରୁରୀ କାମରେ ସହରକୁ ଆସିଛି ଏବଂ ଆଜି ସନ୍ଧ୍ୟାରେ ଘରକୁ ଫେରିଯିବି ।

Yes, brother, I have come on a particular business and I will return home this evening.

Naresh—ଏତେ ଶୀଘ୍ର କାହିଁକି ? ସହର କ'ଣ ତୁମକୁ ଭଲ ଲାଗେ ନା ?

Why so soon ? Do you not like towns ?

Suresh—ନାଁ ଭାଇ, ମୋତେ ସହର ଆଦୌ ଭଲ ଲାଗେ ନାହିଁ । ସହରର ଦୂଷିତ ବାୟୁମଣ୍ଡଳରେ ମୁଁ କୌଣସି ପ୍ରକାର ଆନନ୍ଦ ପାଏନା । ଗୋଳମାଳ ମୋତେ ଭାରି ଖରାପ ଲାଗେ ।

No brother, I don't like towns at all ; nor I find any pleasure in the dirty atmosphere of the town. Noise and bustle irritate me.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Naresh—ଆଶ୍ଚର୍ଯ୍ୟ ; ଗୋଳମାଳ ନ ଥାଇ ତୁମେ କପରି ଜୀବନରେ ଆନନ୍ଦ ପାଅ ? ଗ୍ରାମର ଶାନ୍ତ ନୀରବତା ମୋତେ ପାଗଳ କରି ଦିଏ ।

Wonder ; how can you enjoy life without noise and bustle ? The calmness and silence of the village drive me mad.

Suresh—ଯାହାର ଯେପରି ରୁଚି । ମୁଁ କିନ୍ତୁ ସବୁଜ କ୍ଷେତ୍ରର ସୌନ୍ଦର୍ଯ୍ୟ ନଦୀର କଳକଳ ଶବ୍ଦ, ଛାୟାପ୍ରଦ ବୃକ୍ଷ ଏବଂ ସୁନେଲି ଫସଲକୁ ଖୁବ୍ ଭଲ ପାଏ ।

Every man to his taste, but I much love the beauty of the green fields, the murmuring of rivers, shady groves and golden crops.

Naresh—କିନ୍ତୁ ଗ୍ରାମରେ ରହି ତୁମେ ଏହି ଆଧୁନିକ ଯୁଗର କେଉଁ ଜିନିଷଟା ପାଉଛ ?

But what are you getting of this modern time in your village ?

Suresh—ମୁଁ ଯାହା ପାଏ, ତୁମେ ତାହା ସହରରେ ରହି କଦାପି ପାଅ ନାହିଁ ।

The thing which I get, you can never get in the town.

Naresh—ଆହା ବନ୍ଧୁ ! ତୁମେ କ’ଣ କେବଳ ବିଶୁଦ୍ଧ ବାୟୁ ଓ ଶାନ୍ତିପୂର୍ଣ୍ଣ ବାୟୁମଣ୍ଡଳରେ ରହିବାକୁ ଇଚ୍ଛାକର ? ସିନେମା, ଖେଳ-କସରତ, ସଭାସମିତି ଏବଂ ରାଜନୈତିକ କାର୍ଯ୍ୟକ୍ରମ ବ୍ୟତୀତ ଜୀବନଟା ଯେ ନୀରସ ଓ ଶୁଷ୍କ ହୋଇଯାଏ ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Ah! my dear friend. Do you want to live with pure air and quiet atmosphere alone? The life will be then dry and dull without cinema, sports, meetings and political activities.

Suresh—ମୁଁ ଭାବେ ଯେ, ସହର କେବଳ ମନୁଷ୍ୟକୁ ଏକ ଯନ୍ତ୍ରରେ ପରିଣତ କରିଦେଇଛି ।

I think that the town has made the human life simply a machine.

Naresh—କିନ୍ତୁ ବଡ଼ ବଡ଼ ସହର ନ ରହିଲେ ଜାତିର ଉନ୍ନତି ହୋଇ ପାରିବ କି ?

But can a nation prosper without its great cities ?

Suresh—କିନ୍ତୁ ବନ୍ଧୁ ଭୁଲିଯାଅ ନାଁ ଯେ, ଗ୍ରାମସବୁ ଜାତିର ମୂଳପିଣ୍ଡ । ଗ୍ରାମର ଉନ୍ନତି ବିନା ଜାତିର ଉନ୍ନତି କଦାପି ସମ୍ଭବ ନୁହେଁ ।

But don't forget my friend that the foundation of a nation really lies on its villages. Without the improvement of the village, the nation cannot progress.

Naresh—ମୁଁ ଏ କଥା ମାନୁଛି, କିନ୍ତୁ ମୁଁ ସହରଗୁଡ଼ିକୁ ଛାଡ଼ିଦେବାକୁ ଚାହେଁ ନାହିଁ ।

I do admit it, but I don't like to leave the cities.

Suresh—ଧନ୍ୟବାଦ ଭାଇ, ଆମ୍ଭମାନଙ୍କର ଏହିକ୍ଷଣି ଖୁବ୍ ଭଲ ଆଲୋଚନା ହେଲା । କିନ୍ତୁ ମୋର ଡେରି ହୋଇଯାଉଛି । ତୁମେ ଥରେ ଆମ ଘରକୁ ଗଲେ, ଭାରି ଖୁସି ହୁଅନ୍ତି । ନମସ୍କାର ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Thank you my dear brother, we have had a good talk now. But I am getting late. I would be very much glad if you come once to our village home. Good day.

Naresh—ତୁମର ନିମନ୍ତ୍ରଣ ଯୋଗୁଁ ଧନ୍ୟବାଦ। ଆସନ୍ତା ଛୁଟିରେ ସୁବିଧା ପାଇଲେ ମୁଁ ନିଶ୍ଚୟ ତୁମ ଘରକୁ ଯିବି। ନମସ୍କାର।

Thank you for your invitation! I must go to your home if I get a chance in the coming holiday. Good day.

Father and Son

Son—ବାପା, ଆପଣ ପୂରା ଏକମାସ ପରେ ଫେରି ଆସିଛନ୍ତି। କହନ୍ତୁ ନା, କେଉଁ କେଉଁ ସ୍ଥାନକୁ ଯାଇଥିଲେ ?

Papa, you are coming back after full one month. Please tell me, what places you have visited.

Father—ଆରେ ପୁଅ, ମୁଁ ସାରା ଦେଶଟି ବୁଲି ଆସିଛି।

Come on, my boy. I am returning after having toured the entire country.

Son—ବାପା, ପ୍ରଥମେ ଆପଣ କେଉଁଠାକୁ ଯାଇଥିଲେ ?

Papa, where did you go first ?

Father—ମୁଁ ପ୍ରଥମେ ଦିଲ୍ଲୀ ଯାଇଥିଲି। ଦିଲ୍ଲୀ ଭାରତର ରାଜଧାନୀ ଅଟେ।

First I went to Delhi. Delhi is the capital of India.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Son—ଦିଲ୍ଲୀରେ ଆପଣ କ'ଣ କ'ଣ ଦେଖିଲେ ?

What did you see in Delhi ?

Father—ପୁରୁଣା ଦିଲ୍ଲୀରେ ଲାଲକିଲ୍ଲା ଦେଖିଲି । ଲାଲକିଲ୍ଲାରେ ଅନେକ ଦର୍ଶନୀୟ ଐତିହାସିକ ଜିନିଷ ଅଛି । ନୂଆ ଦିଲ୍ଲୀରେ ସରକାରୀ ଅଫିସ୍ ଦେଖିଲି, କୁତବମିନାର ମଧ୍ୟ ଦେଖିବାକୁ ମିଳିଲା ।

In old Delhi I saw the Red Fort. There are many historical things worth seeing in the Red Fort. I saw the Government Secretariate and also visited the Qutab Minar in New Delhi.

Son—ତା'ପରେ ଆପଣ କୁଆଡ଼େ ଗଲେ ?

Where did you go after that ?

Father—ତା'ପରେ ମୁଁ ବମ୍ବେ ଗଲି । ବମ୍ବେ ଭାରତରେ ସବୁଠାରୁ ବଡ଼ ବନ୍ଦର ।

After that I went to Bombay. Bombay is the biggest port of India.

Son—ତାହାହେଲେ ତ ଆପଣ ସମୁଦ୍ର ଓ ବଡ଼ ବଡ଼ ଜାହାଜ ଦେଖିଥିବେ ।

Then you must have seen the sea and big ships also.

Father—ହଁ, ସେ କଥା ଠିକ୍ । ଅନେକ ଜାହାଜ ଦେଖିଛି । ତା'ପରେ ମୁଁ ହାଇଦ୍ରାବାଦ ଦେଇ ମାନ୍ଦ୍ରାଜ ଗଲି । ହାଇଦ୍ରାବାଦ ନିକଟରେ ଅଜନ୍ତା ଗୁମ୍ଫା ଅଛି ।

Yes, I have seen many ships. Then through Hyderabad I arrived at Madras. Very near to Hyderabad the Cave of Ajanta is situated.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Thank you my dear brother, we have had a good talk now. But I am getting late. I would be very much glad if you come once to our village home. Good day.

Naresh—ତୁମର ନିମନ୍ତ୍ରଣ ଯୋଗୁଁ ଧନ୍ୟବାଦ । ଆସନ୍ତା ଛୁଟିରେ ସୁବିଧା ପାଇଲେ ମୁଁ ନିଶ୍ଚୟ ତୁମ ଘରକୁ ଯିବି । ନମସ୍କାର ।

Thank you for your invitation ! I must go to your home if I get a chance in the coming holiday. Good day.

Father and Son

Son—ବାପା, ଆପଣ ପୂରା ଏକମାସ ପରେ ଫେରି ଆସିଛନ୍ତି । କହନ୍ତୁ ନା, କେଉଁ କେଉଁ ସ୍ଥାନକୁ ଯାଇଥିଲେ ?

Papa, you are coming back after full one month. Please tell me, what places you have visited.

Father—ଆରେ ପୁଅ, ମୁଁ ସାରା ଦେଶଟି ବୁଲି ଆସିଛି ।

Come on, my boy. I am returning after having toured the entire country.

Son—ବାପା, ପ୍ରଥମେ ଆପଣ କେଉଁଠାକୁ ଯାଇଥିଲେ ?

Papa, where did you go first ?

Father—ମୁଁ ପ୍ରଥମେ ଦିଲ୍ଲୀ ଯାଇଥିଲି । ଦିଲ୍ଲୀ ଭାରତର ରାଜଧାନୀ ଅଟେ ।

First I went to Delhi. Delhi is the capital of India.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Son—ଦିଲ୍ଲୀରେ ଆପଣ କ'ଣ କ'ଣ ଦେଖିଲେ ?

What did you see in Delhi ?

Father—ପୁରୁଣା ଦିଲ୍ଲୀରେ ଲାଲକିଲ୍ଲା ଦେଖିଲି । ଲାଲକିଲ୍ଲାରେ ଅନେକ ଦର୍ଶନୀୟ ଐତିହାସିକ ଜିନିଷ ଅଛି । ନୂଆ ଦିଲ୍ଲୀରେ ସରକାରୀ ଅଫିସ୍ ଦେଖିଲି, କୁତବମିନାର ମଧ୍ୟ ଦେଖିବାକୁ ମିଳିଲା ।

In old Delhi I saw the Red Fort. There are many historical things worth seeing in the Red Fort. I saw the Government Secretariate and also visited the Qutab Minar in New Delhi.

Son—ତା'ପରେ ଆପଣ କୁଆଡ଼େ ଗଲେ ?

Where did you go after that ?

Father—ତା'ପରେ ମୁଁ ବମ୍ବେ ଗଲି । ବମ୍ବେ ଭାରତରେ ସବୁଠାରୁ ବଡ଼ ବନ୍ଦର ।

After that I went to Bombay. Bombay is the biggest port of India.

Son—ତାହାହେଲେ ତ ଆପଣ ସମୁଦ୍ର ଓ ବଡ଼ ବଡ଼ ଜାହାଜ ଦେଖିଥିବେ ।

Then you must have seen the sea and big ships also.

Father—ହଁ, ସେ କଥା ଠିକ୍ । ଅନେକ ଜାହାଜ ଦେଖିଛି । ତା'ପରେ ମୁଁ ହାଇଦ୍ରାବାଦ ଦେଇ ମାନ୍ଦ୍ରାଜ ଗଲି । ହାଇଦ୍ରାବାଦ ନିକଟରେ ଅଜନ୍ତା ଗୁମ୍ଫା ଅଛି ।

Yes, I have seen many ships. Then through Hyderabad I arrived at Madras. Very near to Hyderabad the Cave of Ajanta is situated.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Son—ମାନ୍ଦ୍ରାଜ ଆପଣଙ୍କୁ କିପରି ଲାଗିଲା ?

How did you like Madras ?

Father—ମାନ୍ଦ୍ରାଜ ଗୋଟିଏ ବଡ଼ ସୁନ୍ଦର ବନ୍ଦର ଓ ସହର ।

Madras is a very fine port and city.

Son—ମାନ୍ଦ୍ରାଜରୁ ଆପଣ କେଉଁଠାକୁ ଗଲେ ?

For what place did you leave Madras ?

Father—ମାନ୍ଦ୍ରାଜରୁ ପୁରୀକୁ ଆସିଲି, ପୁରୀ ଦେଖି ଭୁବନେଶ୍ୱର ହୋଇ କଟକ ଫେରିଲି ।

From Madras I came to Puri. Having visited Puri I came to Bhubaneswar and then Cuttack.

Son—ବାପା, ଆପଣ କଲିକତା ଯାଇନଥିଲେ ?

Papa, did you not go to Calcutta ?

Father—ହଁ ଠିକ୍, କଲିକତା ମଧ୍ୟ ଯାଇଥିଲି । ଦମ୍‌ଦମ୍ ବିମାନ ଘାଟୀ ଓ ଅଲିପୁର ଚିଡ଼ିଆଖାନା ଦେଖିଛି ।

Oh yes, I went to Calcutta also. I visited the Dum-Dum airport and the zoo at Alipore.

Son—ବାପା, ଆପଣ ଯେଉଁସବୁ ଜାଗାକୁ ଯାଇଥିଲେ, ସେଗୁଡ଼ିକୁ ମୋତେ ମାନଚିତ୍ରରେ ଦେଖାଇ ଦିଅନ୍ତୁ ତ ।

Papa, will you please point out to me on the map the places you visited ?

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Father—ଆଚ୍ଛା, ମାନଚିତ୍ର ଘେନଆ । ମୁଁ ତୋତେ ଦେଖାଇ ଦେବି ।

Come on, my boy, come with your map. I am showing you everything.

Son—ବାପା, ମୁଁ ଏକ୍ଷଣି ଘେନି ଆସୁଛି ।

I am just coming with it, papa.

Patient—ନମସ୍କାର ଡାକ୍ତରବାବୁ ! ମୋ କଥା ଟିକିଏ ଶୁଣିବେ କି ?

Good morning, doctor! Can you spare me a few minutes ?

Doctor—ନିଶ୍ଚୟ, ଭିତରକୁ ଆସି ବସନ୍ତୁ । କହନ୍ତୁ, ଆପଣଙ୍କର କଅଣ ହୋଇଛି ?

Certainly ! Come in and sit down. Now, tell me what is the matter with you ?

Patient—ଏଇ କଥାତ ଆପଣଙ୍କଠାରୁ ଶୁଣିବାକୁ ଚାହୁଁଛି ।

That is just what I want you to tell me.

Doctor—ବେଶ୍, କହନ୍ତୁ । ଆପଣଙ୍କର କଅଣ ଅସୁବିଧା ହେଉଛି ?

Well, tell me how you are suffering ?

Patient—ମୋତେ ଆଦୌ ଭୋକ ହେଉନାହିଁ, କିନ୍ତୁ ତଥାପି ମୋର ସର୍ବଦା ଅଜୀର୍ଣ୍ଣ ହେଉଛି ।

I have no appetite at all, and yet I am always suffering from indigestion.

CC-0. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Doctor—ଆପଣଙ୍କର ମୁଣ୍ଡ ବଥାଉଛି କି ?

Are you troubled with headaches also ?

Patient—ହଁ, ହେଉଛି । ଏବଂ ସବୁଠାରୁ ବଡ଼ ଅସୁବିଧା ହେଉଛି ଯେ, ମୁଁ ରାତିରେ ଆଦୌ ଭଲକରି ଶୋଇପାରୁନାହିଁ ।

Yes, I am. And what is worse, I can't sleep well at night.

Doctor—ଆଚ୍ଛା, ଆପଣ କି କାର୍ଯ୍ୟ କରନ୍ତି ?

I see. What is your work ?

Patient—ମୁଁ ଏକ ବଣିକ ଅଫିସରେ କିରାଣୀ । ମୋତେ ବହୁସମୟ ଧରି ଅଫିସରେ ବସି କାର୍ଯ୍ୟ କରିବାକୁ ହୋଇଥାଏ ।

I am a clerk in a merchant office and have to work long hours on a seat.

Doctor—ଆପଣ, ସନ୍ଧ୍ୟାରେ କୌଣସି ପ୍ରକାର ବ୍ୟାୟାମ କରନ୍ତି କି ?

Do you take any sort of exercise in the evening ?

tient—ନାଁ, ଡାକ୍ତରବାବୁ ; ମୁଁ କୌଣସି ବ୍ୟାୟାମ କରେନାହିଁ । ଯେତେବେଳେ ଘରକୁ ଫେରେ ସେତେବେଳେ ଏତେ କ୍ଳାନ୍ତ ହୋଇପଡ଼େ ଯେ, ଖାଇଦେଇ ସିଧା ଶୋଇପଡ଼େ ।

No, doctor ; I don't take any exercise. I feel so tired when I get home that I simply take my food and go to bed.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Doctor—ମୋର ମନେ ହେଉଛି, ଆପଣଙ୍କର ସବୁ ଅସୁବିଧାର ମୂଳରେ ବିଶ୍ରାମର ଅଭାବ ଏବଂ ଉପଯୁକ୍ତ ଶାରୀରିକ ଶ୍ରମର ଅଭାବ ରହିଛି ।

I think all your troubles are due to lack of rest and proper physical labour.

Patient—ମୋର ମଧ୍ୟ କାହିଁକି ମନେ ହେଉଛି । ଅନେକ ଦିନ ହେବ କୌଣସି ଛୁଟି ପାଇବାର ସୁଯୋଗ ମିଳିନାହିଁ ।

I also admit this. I could not have any leave for a long time.

Doctor—ଆପଣ କଅଣ ଆପଣଙ୍କ ଅଫିସରୁ କିଛିଦିନ ପାଇଁ ଛୁଟି ନେଇ ପାରିବେ ନାହିଁ ?

Are you not able to secure leave from your office for a few days ?

Patient—ମୁଁ ଭାବୁଛି, ଆପଣଙ୍କ ସୁପାରିଶପତ୍ର ପାଇଲେ ତାହା ମିଳିପାରିବ ।

I think, I shall be able to secure it with your recommendation.

Doctor—ଭଲକଥା, ଆପଣ କିଛିଦିନ ପାଇଁ ଆପଣଙ୍କ ଗ୍ରାମକୁ ଚାଲିଯିବା ଉଚିତ । ଘରର କବାଟ ଓ ଝରକା ଖୋଲିରଖି ଖୋଲା ପବନରେ ଶୋଇବେ । ସକାଳେ ଓ ସନ୍ଧ୍ୟାରେ କିଛି ସମୟ ବୁଲିଚାଲି କରିବେ । ସମୟାନୁସାରେ ଖାଇବେ । ଆପଣଙ୍କର ହଜମଶକ୍ତି ଓ କ୍ଷୁଧାକୁ ଚାହିଁ ଆସ୍ତେ ଆସ୍ତେ ଖାଇବା ବଢ଼ାଇବେ । ମୁଁ ଭାବୁଛି ଏହିପରି ଭାବରେ ଚାଲିଲେ ଆପଣ ଖୁବ୍ ଶୀଘ୍ର ଆରୋଗ୍ୟ ହୋଇଯିବେ ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Very good, you must go to your country-home for a few days. Sleep in the open air, keeping the doors and windows open. Take walks in the morning and evening for a few minutes. Take your food in regular time. Increase diets gradually according to your digestive power and appetite. I think you will be all right very soon if you follow these instructions.

Patient—ଧନ୍ୟବାଦ ଡାକ୍ତର୍‌ବାବୁ, ମୁଁ ଆପଣଙ୍କ ଉପଦେଶ ମାନି ଚଳିବି । ନମସ୍କାର୍ ।

Thank you, doctor. I will follow your instructions. Good morning.

Doctor—ନମସ୍କାର୍ ! ଆପଣଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ମୋତେ ଜଣାଇବେ ।

Good morning. And please let me know how you get on.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Queen—ସୁଲତାନ୍, ମୋର ହାତ ପୋଡ଼ି ଯାଇଛି ।

King—ସେ କ'ଣ ? କପର ପୋଡ଼ିଲ ?

Queen—ରୁଟି ସେକୁ ସେକୁ ହଠାତ୍ ନିଆଁ ଧାସ ଲାଗିଗଲା ।

King—ତୁମେ ରୁଟି କରିବାକୁ ଯାଅନାହିଁ ।

Queen—ସେ କଥା ପରେ ଦେଖାଯିବ । କିନ୍ତୁ ମୋର ବର୍ତ୍ତମାନ ଆପଣଙ୍କ ପାଖରେ ଗୋଟିଏ ନିବେଦନ ଅଛି ।

King—କ'ଣ କୁହ ।

Queen—ଘରର ସମସ୍ତ କାର୍ଯ୍ୟ ମୁଁ ଏକା କରି ପାରୁନାହିଁ । ଗୋଟିଏ ଚାକରାଣୀ ରଖନ୍ତୁ ।

King—ଚାକରାଣୀ ! ଚାକରାଣୀର ଦରମା କେଉଁଠୁ ଆସିବ ? ତୁମେ ତ ଜାଣ ମୋର ରୋଜଗାର ଖୁବ୍ କମ୍ ।

Queen—ଏ କ'ଣ କହୁଛନ୍ତି ସୁଲତାନ୍ ! ଆପଣ କେତେବଡ଼ ରାଜ୍ୟର ମାଲିକ । ଆପଣଙ୍କ ରାଜକୋଷରେ କୋଟି କୋଟି ଟଙ୍କା ଜମା ଅଛି । ଆଉ ଆପଣ ଗୋଟିଏ ଚାକରାଣୀର ଦରମା ଦେଇ ପାରିବେ ନାହିଁ ?

King—ବେଶ୍ ବେଗମ୍ ସାହେବା ! ତୁମେ ଯାହା କହିଲ ତାହା ଠିକ୍ । କିନ୍ତୁ ରାଜକୋଷରେ ଥିବା ଧନ ତ ମୋର ନୁହେଁ ।

Queen—ସେ ଧନ ତେବେ କାହାର ?

King—ସେ ଧନ ପ୍ରଜାମାନଙ୍କର । ସେମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ସେମାନେ ସେମାନଙ୍କର ଧନ ମୋ ପାଖରେ ରଖିଛନ୍ତି । ମୋର ନିଜ ସକାଶେ ସେଥିରୁ ଏକ ପଇସା ମଧ୍ୟ ଖର୍ଚ୍ଚ କରିବାର ଅଧିକାର ନାହିଁ ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Queen—ଏ ପୁଣି କି କଥା ?

King—ହଁ ଏହି କଥାହିଁ ଠିକ୍ । ଜାଣ ବେଗମ୍ ସାହେବା, ମୁଁ ଏହି ଯେଉଁ ହୀରାର ମୁକୁଟ ପିନ୍ଧି ସୁନାର ସିଂହାସନରେ ବସିଛି, କି ମୂଲ୍ୟ ଦେଇ ଏହି ଅଧିକାର ଅର୍ଜନ କରିଛି ? ଯେଉଁ ଦିନଠାରୁ ଏହି ହୀରାର ମୁକୁଟ ମୁଣ୍ଡରେ ପିନ୍ଧିଛି, ସେହି ଦିନଠାରୁ ଗୋଟାଏ ରାଜ୍ୟର ଭାର ମୋର ମୁଣ୍ଡ ଉପରେ ଲଦା ହୋଇଛି । ସେ ଭାର ବହନ କରିବା ସହଜ କଥା ନୁହେଁ । ଲକ୍ଷ ଲକ୍ଷ ପ୍ରଜାଙ୍କର ସୁଖ-ଶାନ୍ତି ବିଧାନ କରିବା ପାଇଁ ଚିନ୍ତା କରି କରି ମୋର ଆଖିକୁ ନିଦ ନାହିଁ । ତୁମେ ଯେତେବେଳେ ମୋ ନିକଟକୁ ଖାଇବା ଜିନିଷ ଘେନି ଆସ, ସେତେବେଳେ ମନେହୁଏ, ହୁଏତ କୌଣସି ହତଭାଗ୍ୟ ପ୍ରଜା ଉପବାସରେ ଅଛି । ଖାଇବାକୁ ଇଚ୍ଛା ହୁଏ ନାହିଁ । ରାଜ୍ୟର ଚିନ୍ତାରେ ମୋର ଆହାର ଓ ନିଦ୍ରା କୁଆଡ଼େ ଗୁଲିଯାଇଛି । ତା ଉପରେ ପୁଣି ରାଜକୋଷରୁ ଅର୍ଥବ୍ୟୟ । ଓଃ, ତାହା ଯେ କି ମହାପାପ ବୁଝି ହୁଏନା । ଯେଉଁ ରାଜା ପ୍ରଜାର ଧନ ଆତ୍ମସାତ୍ କରେ, ସେ ରାଜା ନୁହେଁ, ଚୋର । ଭଗବାନଙ୍କଠାରୁ ତାହାର ନିସ୍ତାର ନାହିଁ ।

Queen—କ୍ଷମା କରିବେ ସୁଲତାନ୍ । ମୁଁ ଆଉ କେବେ ଚାକରାଣୀ କଥା କହିବି ନାହିଁ । ଆପଣ ଯଦି ରାଜେଶ୍ୱର ହୋଇ ଦରିଦ୍ର ଭାବରେ ଜୀବନ ଯାପନ କରିପାରିବେ, ତେବେ ମୁଁ କାହିଁକି ପାରିବି ନାହିଁ ?

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

LESSON 18

Translation

Some Specimens

କେତୋଟି ଅନୁବାଦର ନମୁନା

(Kētōti anubādara namunā)

କୌଣସି ଗ୍ରାମରେ ଚନ୍ଦ୍ରଶେଖର ନାମକ ଏକ ବୃଦ୍ଧ ବାସ କରୁଥିଲେ । ତାଙ୍କର ଦୁଇ ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ରର ନାମ ଶଶିଭୂଷଣ ଓ କନିଷ୍ଠ ପୁତ୍ରର ନାମ ଚାରୁଭୂଷଣ । ଚାରୁଭୂଷଣର ବୟସ ଯେତେବେଳେ ମାତ୍ର ଦେଢ଼ ବର୍ଷ, ସେତେବେଳେ ତାହାର ପିତାଙ୍କର ମୃତ୍ୟୁ ହେଲା ; ଏଣୁ ତାହାର ମା ତାଙ୍କୁ ବଡ଼ ସ୍ନେହ କରୁଥିଲେ । ତାହାର ବଡ଼ ଭାଇ ତାହା ଅପେକ୍ଷା ସାତ ଆଠ ବର୍ଷ ବଡ଼ ଥିଲେ । ସୁତରାଂ, ଶଶିଭୂଷଣ ବିଦ୍ୟାଶିକ୍ଷା କରୁଥିବା ସମୟରେ ଚାରୁଭୂଷଣ କେବଳ ଖେଳରେ ସମୟ କଟାଉଥିଲା ।

There lived in a certain village an old man named Chandrashekhar. He had two sons. The elder was called Shashibhusan and the younger Charubhusan. Charubhusan lost his father when he was only a year and a half old. So his mother was very much attached to him. His elder brother was older than him by seven or eight years. So when Shashibhusan was at school, Charubhusan passed his time only playing about.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ସେହି ଦେଶରେ ଏକ ଭୟଙ୍କର ସିଂହ ଥିଲା । ଲୋକମାନେ ତାହାକୁ ବଡ଼ ଭୟ କରୁଥିଲେ । ଯେତେବେଳେ ହରକ୍ୟୁଲସ୍ ସେଠାକୁ ଗଲେ, ସମସ୍ତେ ସିଂହଟିକୁ ମାରିଦେବା ପାଇଁ ତାହାଙ୍କୁ ଅନୁରୋଧ କଲେ । ହରକ୍ୟୁଲସ୍ ଗୋଟିଏ ମୁଦ୍ଗର, ଗୋଟିଏ ଧନୁ ଏବଂ କେତୋଟି ତୀର ନେଇ ପଶୁଟିର ଅନୁସନ୍ଧାନରେ ବାହାରିଲେ । ହଠାତ୍ ସେ ତାଙ୍କର ପଛଆଡ଼େ ସିଂହର ଗର୍ଜ୍ଜନ ଶୁଣି ପାରିଲେ । ଗୋଟିଏ ବଡ଼ ସିଂହ ତାଙ୍କ ଉପରକୁ ଡେଇଁ ପଡ଼ିବାକୁ ଉଦ୍ୟତ ହେଲା । ସେ ତତ୍‌କ୍ଷଣାତ୍ ତାଙ୍କର ମୁଦ୍ଗରଦ୍ୱାରା ପଶୁଟିକୁ ଆକ୍ରମଣ କଲେ । ଦଶମିନଟ୍ ଲଢ଼େଇ ପରେ ସିଂହଟି ପଳାଇଗଲା । ଜନ୍ତୁଟି ପଳାଇଯିବା ପରେ ହରକ୍ୟୁଲସ୍ ସେଠାରେ କିଛି ସମୟ ଅପେକ୍ଷା କଲେ । ତା ପରେ ସେ ଏକ ତରବାରି ନେଇ ସିଂହର ଗୁଂଫାରେ ପ୍ରବେଶ କଲେ ।

There was a terrible lion in that country. The people were very afraid of it. When Hercules went there, all prayed to him to kill the lion. Taking a club, a bow and a few arrows, Hercules went out in search of the beast. Suddenly he heard the roar of a lion behind him. A big lion was about to jump upon him. At once he attacked the beast with his club. After ten minutes' fight the lion ran away. After the animal had fled, Hercules waited there for some time. Then he took a sword and entered the lion's den.

ଭାରତବର୍ଷ ଆମ୍ଭମାନଙ୍କର ମାତୃଭୂମି । ଆମ୍ଭେମାନେ ଭାରତରେ ବାସ କରୁ, ତେଣୁ ଅନ୍ୟ ଦେଶର ଲୋକମାନେ ଆମ୍ଭମାନଙ୍କୁ ଭାରତୀୟ ବୋଲି କହନ୍ତି । ଆଜି ଭାରତ

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ସ୍ୱାଧୀନ । ଦେଶର ସ୍ୱାଧୀନତା ପାଇଁ ଅମ୍ଭେମାନେ ବ୍ରିଟିଶ-ଶକ୍ତି ସହିତ ବହୁଦିନ ସଂଗ୍ରାମ କରିଅଛୁଁ । ଏହି ସଂଗ୍ରାମରେ ବହୁ ରକ୍ତପାତ ଘଟିଅଛି ଏବଂ ବହୁ ଜୀବନ ଉତ୍ସର୍ଗ କରା-ଯାଇଅଛି । ମହାତ୍ମାଜୀଙ୍କର କଥା କ'ଣ ଅମ୍ଭେମାନେ କେବେ ଭୁଲି ପାରିବୁ ? ଅମ୍ଭେମାନେ ସର୍ବଦା ଗୋପବନ୍ଧୁଙ୍କୁ ସ୍ମରଣ କରୁଁ । ସୁଭାଷଚନ୍ଦ୍ର ଆଜି କେଉଁଠି ? ଅମ୍ଭେମାନେ ଜାଣୁନାଁ । କିନ୍ତୁ ସେ ଅମ୍ଭମାନଙ୍କର ସ୍ମୃତିରେ ଚିରଦିନ ଜୀବିତ ରହିବେ ।

India is our motherland. We live in India, so other nations call us Indians. To-day India is free. We have fought long with the British power for the freedom of our country. In this fight much blood has been shed and many lives have been sacrificed. Can we ever forget Mahatmaji? We always remember Gopabandhu. Where is Subhash Chandra to-day. We don't know. But he will live in our memory for ever.

ଥରେ ଗୋଟିଏ ଶୃଗାଳ ଦ୍ରାକ୍ଷାକୁଞ୍ଜ ମଧ୍ୟରେ ଯାଉଁ ଯାଉଁ ଊର୍ଦ୍ଧ୍ୱକୁ ଚାହିଁ ଦେଖିଲା ଯେ, ଠିକ୍ ତାହା ମୁଣ୍ଡ ଉପରକୁ ଉଚ୍ଚରେ କେତେଗୁଡ଼ିଏ ଅତି ସୁନ୍ଦର ଦ୍ରାକ୍ଷାଗୁଚ୍ଛ ଓହଳିଛି । ଏହି ଫଳଗୁଡ଼ିକ ପାଇବା ପାଇଁ ସେ ଇଚ୍ଛା କରି ପୁନଃପୁନଃ ଚେଷ୍ଟା କରିଥିଲା । ଅନବରତ ସେ ଉଚ୍ଚରୁ ଉଚ୍ଚତର ଲଂଫ ପ୍ରଦାନ କରି ମଧ୍ୟ ସେଗୁଡ଼ିକ ଧରି ପାରିଲା ନାହିଁ । ଅବଶେଷରେ ସେ ଏ ପ୍ରକାର ଉଦ୍ୟମ ପରିତ୍ୟାଗ କରି ମନେ ମନେ ଏହା କହି ଚାଲି ଯାଇଥିଲା, "ଏହି ଦ୍ରାକ୍ଷାଫଳଗୁଡ଼ାକ ଆମ୍ବିଳା ଏଗୁଡ଼ାକ ଯେମିତି ଅଛି ସେମିତି ଥାଉ, ମୋର ଏ ଲୋଡ଼ା ନାହିଁ" ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

A fox was passing a vine-yard, and looking up, he saw some lovely branches of grapes high above his head. He longed to have them and tried again and again. He always jumped higher and higher, but he never succeeded in reaching them. He gave up the efforts at last and went off uttering to himself, "The grapes are sour, I will just leave them alone. I don't want them."

ସମ୍ରାଟ କୁଟୀର ଦ୍ୱାରରେ ଆଘାତ କଲେ । ଜଣେ କୃଷକ ଦରଜା ଖୋଲି ତାହାଙ୍କୁ ପଚାରିଲେ, "ଆପଣ କ'ଣ ଚାହାନ୍ତି ?" ସମ୍ରାଟ କହିଲେ, "କ୍ଲାନ୍ତି ଏବଂ କ୍ଷୁଧାରେ ମୁଁ ମୃତପ୍ରାୟ । ତୁମେ ମୋତେ କିଛି ଖାଇବା ପାଇଁ ଦେଇ ପାରିବ କି ?"

କୃଷକ—"ଆହା ! ଆପଣ ବଡ଼ ଅସମୟରେ ଆସିଛନ୍ତି । ମୋର ସ୍ତ୍ରୀ ଭାରି ବେମାର । ଯାହାହେଉ ଆପଣ ଦୟାକରି ଭିତରକୁ ଆସନ୍ତୁ । ଆଜି ଭାରି ଥଣ୍ଡା । ଆସନ୍ତୁ, ଆମ୍ଭେମାନେ ଆପଣଙ୍କୁ କିଛି ରୁଟି ଏବଂ ଗୋଟିଏ ସିଝା ଅଣ୍ଡା ଦେଇ ପାରିବୁ ।

The Emperor knocked at the door of the cottage. A peasant opened the door and asked him, "What do you want ?" The emperor said, "I am dying of fatigue and hunger. Can you give me some food ?

The peasant—"Alas ! You have come at a very unlucky time. My wife is very ill. But please come in. It is very cold to-day. Come in, we shall be able to give you some bread and a boiled egg."

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ପୃଥିବୀର ଇତିହାସରେ ଅଗଷ୍ଟ ୧୫ ଚିରସ୍ମରଣୀୟ ହୋଇ ରହିବ। ପରାଧୀନତାର ଲୌହ-ଶିକୁଳି ଛିଣ୍ଡାଇ ଆଜି ବିଭିନ୍ନ ସଭ୍ୟତାର ଲୀଳାଭୂମି ଭାରତ ମହାଦେଶର ଚାଳିଶ କୋଟି ନରନାରୀ ମୁକ୍ତିର ନିଃଶ୍ୱାସ ପକାଉଛନ୍ତି। ପଲାସୀର ଆମ୍ବ ତୋଟାରେ ୧୭୫୭ ମସିହାରେ ସ୍ୱାଧୀନତାର ଯେଉଁ ସୂର୍ଯ୍ୟ ଅସ୍ତ ହୋଇଥିଲେ, ୧୯୪୭ ମସିହାରେ ଲକ୍ଷ ଲକ୍ଷ ବୀର ଶହୀଦ୍‌ମାନଙ୍କର ରକ୍ତରେ ରଞ୍ଜିତ ହୋଇ, ପୁଣି ସେ ପୂର୍ବାକାଶରେ ଉଦିତ ହୋଇଛନ୍ତି।

The 15th of August will ever be remembered in the history of the world. The forty crores of people of the great country of India, the seat of different civilisations, are breathing the air of freedom, having broken the iron chains of bondage. The sun of freedom that went down in the mango grove of *Plassey* in 1757, is now up again in the eastern sky, in 1947, dyed red with the blood of millions of martyrs.

ଏକଦା ନଳ ନାମକ ଜଣେ ରାଜା ଥିଲେ। ଦିନେ ସେ ଆପଣାର ପ୍ରାସାଦ ସନ୍ନିହିତ ମନୋରମ ଉଦ୍ୟାନରେ ଭ୍ରମଣ କରୁଥିବା ସମୟରେ ପୁଷ୍କରିଣୀ ନିକଟରେ ବିଚରଣ କରୁଥିବା ଦଳେ ସ୍ୱର୍ଣ୍ଣପକ୍ଷ ହଂସ ଦେଖିଥିଲେ। ସେ ସେମାନଙ୍କ ରୂପ-ଦର୍ଶନରେ ଏପରି ପ୍ରୀତ ହୋଇଥିଲେ ଯେ, ସେଠାରୁ ଯିବାପାଇଁ ମନ ବଳାଇଥିଲେ ଏବଂ ଗୋଟିକୁ ଧରିଥିଲେ। ହଂସ ଯେତେବେଳେ ମନୁଷ୍ୟ ଭାଷାରେ ତାହାଙ୍କୁ ସମ୍ବୋଧନ କରି "ରାଜନ୍, ମୋତେ ଛାଡ଼ି ଦିଅନ୍ତୁ" ବୋଲି କହିଥିଲା, ସେତେବେଳେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ।

ରାଜା କହିଲେ, କାହିଁକି ତୋତେ ଛାଡ଼ିଦେବି ?"

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

"ଯଦି ମୋତେ ଛାଡ଼ିଦେବେ, ତାହାହେଲେ ମୁଁ ରୂପବତୀ ରାଜକୁମାରୀ ଦମୟନ୍ତୀଙ୍କ ନିକଟକୁ ଆପଣଙ୍କର ସନ୍ଦେଶ ନେଇଯିବି ଏବଂ ଆପଣଙ୍କୁ ପତିପଦରେ ବରଣ କରିବା ପାଇଁ ତାହାଙ୍କୁ ପ୍ରାର୍ଥନା କରିବି।"

Once upon a time there lived a king named Nala. One day, as he was walking in the beautiful garden of his palace, he saw a number of golden winged geese feeding near a pond and he was so pleased with their appearance that he determined to go out and catch one. But great was his astonishment, when the goose addressed him in human speech and said, "O king Nala, let me go".

"Why should I let you go ?" said the king. "If you will let me go, I will carry news of you to the beautiful princess, Damayanti, and persuade her to take you for her husband."

ଗାନ୍ଧିଜୀ କହୁଥିଲେ, "ମୋର ଜୀବନହିଁ ମୋର ବାଣୀ"। ବାସ୍ତବରେ ସେ ଯାହା କହୁଥିଲେ ଜୀବନର ପ୍ରତିକ୍ଷେତ୍ରରେ ତାହାହିଁ କାର୍ଯ୍ୟରେ କରୁଥିଲେ। ସତ୍ୟଦ୍ୱାରା ମିଥ୍ୟାକୁ ଜୟ କରିବା, ଆଦରଦ୍ୱାରା ଘୃଣାକୁ ଜୟ କରିବା ତାହାଙ୍କ ଜୀବନର ସାଧନା ଏବଂ ଉପଦେଶ ଥିଲା।

ଭାରତରେ ଧର୍ମରାଜ୍ୟ ପ୍ରତିଷ୍ଠା କରିବାକୁ ସେ ଚାହୁଁଥିଲେ। ସେ କହୁଥିଲେ ଯେ, ଭାରତକୁ ଏପରି ଭାବରେ ଗଠନ କରିବାକୁ ହେବ, ଯଦ୍ୱାରା ଦରିଦ୍ରତମ ପ୍ରଜା ମଧ୍ୟ ମନେକରିବ ଯେ, ଭାରତ ତା'ର ସ୍ୱଦେଶ। ଭାରତରେ ଉଚ୍ଚନୀଚ ଭେଦ, ଏବଂ ଅସ୍ପୃଶ୍ୟତା ଓ ମାଦକଦ୍ରବ୍ୟ ସେବନରୂପକ ବିଷ ରହିବ ନାହିଁ। ନାରୀ ଓ ପୁରୁଷର ସମାନ ଅଧିକାର ରହିବ, ଭୂମି ଓ ରାଜ୍ୟ ସର୍ବସାଧାରଣ ସମ୍ପତ୍ତି ହେବ ଏବଂ ସବୁଠାରେ ନ୍ୟାୟ ପ୍ରତିଷ୍ଠିତ ହେବ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Gandhiji said, "My life is my message". In fact he lived exactly as he said in every sphere of life. To conquer untruth with truth, hatred with love, violence with non-violence—this was his mission of life, this was his message.

He wanted to establish in India a kingdom of righteousness. He said that India should be so built up that even the poorest subject here might feel her to be his own country, that there should be no distinction between the high and the low, the country should be free from the poison of untouchability and drunkenness, man and woman should have political rising in Utkal with the help of this newspaper. Besides he was a poet, a literateur and an orator. He breathed his last on the 16th June 1928.

ଶ୍ରୀଯୁକ୍ତ ମଧୁସୂଦନ ଦାସ ସି. ଆଇ. ଇ. ଉତ୍କଳର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଓକିଲ, ଲାଟସଭାର ପ୍ରଥମ ଓଡ଼ିଆ ସଦସ୍ୟ, ପ୍ରଥମ ଓଡ଼ିଆ ଇଉରୋପ ଯାତ୍ରୀ ଓ ପ୍ରଥମ ଓଡ଼ିଆ ମନ୍ତ୍ରୀ । ସରକାରଙ୍କ ସଙ୍ଗେ ମତାନ୍ତର ହେତୁ ମନ୍ତ୍ରୀତ୍ୱ ପ୍ରତ୍ୟାଖ୍ୟାନ କରିବାରେ ସେ ପ୍ରଥମ ଭାରତୀୟ ମନ୍ତ୍ରୀ । ମଧୁସୂଦନ ତାଙ୍କ ଜୀବନରେ ଆହୁରି ଅନେକ ବିଷୟରେ ମଧ୍ୟ ପ୍ରଥମ ଥିଲେ । ସେ ଯେ-କୌଣସି ଦେଶରେ ଓ ଯେ-କୌଣସି କାଳରେ ମଧ୍ୟ ଜଣେ ପ୍ରଥମ ପ୍ରଧାନ ବ୍ୟକ୍ତି ହୋଇପାରିଥାନ୍ତେ, ଏଥିରେ ସନ୍ଦେହ ନାହିଁ । ତାଙ୍କର ଅସାଧାରଣ ମେଧା ଥିଲା । ଓଡ଼ିଶାରେ ଜନ୍ମ ନ ହୋଇ ଅନ୍ୟତ୍ର ଜନ୍ମ ହୋଇଥିଲେ ମଧୁସୂଦନ ଯାହା କରିଛନ୍ତି, ତାହା ଅପେକ୍ଷା [illegible] ବେଶୀ କରି ପାରିଥାଆନ୍ତେ ଏବଂ ତାଙ୍କ ନାମ ବିସ୍ତୃତରୂପେ ପରିଜ୍ଞାତ ହୋଇଥାନ୍ତା ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Mr. Madhusudan Das, C. I. E. was the first graduate of Utkal, the first Oriya lawyer, the first Oriya member of the governor's council, the first Oriya to sail for Europe and the first Oriya minister. He was the first Indian minister to resign his office of a minister on account of difference of opinion with the government. Madhusudan was the first instance in many other aspects also. No doubt he could have been the first prominent man also in any country in any time. He had extra-ordinary merit. Had he been born somewhere other than Orissa he would have achieved much more than what he has done and he would have been very widely known.

ଉତ୍କଳୀୟମାନେ ପୂର୍ବେ ଯେ କେବଳ ଦକ୍ଷିଣାଞ୍ଚଳ ଦେଶମାନଙ୍କ ସଙ୍ଗେ ବାଣିଜ୍ୟ କରୁଥିଲେ ତାହା ନୁହେଁ । ବ୍ରହ୍ମ ଓ ସୁଦୂର ଚୀନ ପ୍ରଭୃତି ଦେଶକୁ ମଧ୍ୟ ସେମାନେ ବାଣିଜ୍ୟ କରିବାକୁ ଯାଉଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ଲିଖିତ ଟୋଲେମିଙ୍କ ବୃତ୍ତାନ୍ତରେ ଉତ୍କଳ ଉପକୂଳରେ ଅନେକଗୁଡ଼ିଏ ବନ୍ଦରର ଉଲ୍ଲେଖ ଦେଖାଯାଏ । ନନଗେନ. କଟକର୍ଦ୍ଦମ, କୋଣଗର, କୋଶଙ୍ଗ ଓ କଳିଙ୍ଗ ନଗର ଏମାନଙ୍କ ମଧ୍ୟରେ ପ୍ରଧାନ । ଏହି ଶତାବ୍ଦୀରେ ଉତ୍କଳୀୟମାନେ ଜାଭା ଦ୍ୱୀପରେ ଉପନିବେଶ ସ୍ଥାପନ କରିଥିଲେ । ଷୋଡ଼ଶ, ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ସୁବର୍ଣ୍ଣରେଖା ନଦୀ ତୀରସ୍ଥ ବାଲେଶ୍ୱର ପ୍ରଧାନ ବନ୍ଦର ଥିଲା । ଆକବରଙ୍କ ପ୍ରଧାନମନ୍ତ୍ରୀ ତୋଡରମଲ୍ଲ ତାଙ୍କର ରାଜସ୍ୱ ବନ୍ଦୋବସ୍ତରେ ଏହା ଉଲ୍ଲେଖ କରିଅଛନ୍ତି ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Formerly the Oriyas were not only carrying on their trade with the southern countries but they were also going on their trade to Burma and distant China. In the atlas published by Ptolemy in the first century A. D. many ports in the Utkal coast have been mentioned. Nanigen, Katikardama, Konagar, Kosanga and Kalinga are the most famous of these. The Oriyas established colonies in the Island of Java in this century. Balasore on the bank of the river Subarnarekha was a famous port in the sixteenth, seventeenth and eighteenth centuries. Todarmall, the Prime minister of Akabar has mentioned this in his book 'Rajaswa Bandobasta' (settlement of revenue).

ଶିକ୍ଷା କ୍ଷେତ୍ରରେ ରବୀନ୍ଦ୍ରନାଥ ନୂତନ ଆଦର୍ଶ ଦେଖାଇଲେ । ସେ ବଙ୍ଗଳାର ବୋଲପୁର ଠାରେ 'ଶାନ୍ତିନିକେତନ' ନାମରେ ଏକ ନୂତନ ପ୍ରକାର ବିଦ୍ୟାଳୟ ପ୍ରତିଷ୍ଠା କଲେ । ଶାନ୍ତିନିକେତନକୁ ଭାରତର ବିଭିନ୍ନ ସ୍ଥାନରୁ ତଥା ପୃଥିବୀର ଦୂର ଦେଶମାନଙ୍କରୁ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିବାକୁ ଆସନ୍ତି । ଏହି ବିଦ୍ୟାଳୟଟି ଏକ ବଡ଼ ବଗିଚା ମଧ୍ୟରେ ପ୍ରତିଷ୍ଠିତ ହୋଇଅଛି । ଏଠାରେ ପିଲାମାନେ ପୁସ୍ତକରୁ ଯେତିକି ଶିଖନ୍ତି, ପ୍ରକୃତିଠାରୁ ମଧ୍ୟ ସେତିକି ଶିଖନ୍ତି । ଯାହା ସଙ୍ଗେ ସଙ୍ଗେ ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ, ସୁଣି ଲିପି, ଶିଳ୍ପ, ଓ ହସ୍ତକର୍ମ ପ୍ରଭୃତି ଶିକ୍ଷା ଦିଆଯାଏ । ଏଠାରେ ଗୋଟିଏ ବଡ଼ ପୁସ୍ତକାଗାର ରହିଛି । ଛାତ୍ରଛାତ୍ରୀମାନେ

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଅତି ସରଳ ଜୀବନ ଯାପନ କରନ୍ତି । ପଢ଼ିବାକୁ ଗଲାବେଳେ କେହି ଯୋତା ପିନ୍ଧନ୍ତି ନାହିଁ । ଛାତ୍ରମାନଙ୍କୁ କୌଣସି ପ୍ରକାର ଦଣ୍ଡ ଦିଆଯାଏ ନାହିଁ । କେହି କିଛି ଦୋଷ କଲେ, ସେହି ଛାତ୍ରମାନଙ୍କର ଏକ କମିଟିଦ୍ୱାରା ବିଚାର କରାଯାଏ । ସକାଳ ସାଢ଼େ-ଚାରିଟା ବେଳେ ଛାତ୍ରମାନେ ଉଠି ପ୍ରାର୍ଥନା ସଙ୍ଗୀତ ବୋଲନ୍ତି । ସମସ୍ତେ ପ୍ରଭାତର ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି । ତା'ପରେ ଘରଦ୍ୱାର ପରିଷ୍କାର କରି ମୁକ୍ତବାୟୁରେ ବ୍ୟାୟାମ କରନ୍ତି ।

Rabindranath showed a new ideal in the field of education. He set up a new type of school named 'Shantiniketan' at Bolpur in Bengal. Students from different parts of India and from the distant countries of the world come to Shantiniketan to acquire knowledge. This school is situated inside a big garden. Here the pupils learn as much from the books as from nature. Along with their lessons they are taught music, drawing, dancing, agriculture, industry and manual work. There is a big library here. The students lead very simple lives. No body puts on shoes while going to the class. No form of punishment is inflicted on the students. If any offence is committed by any one it is decided by a committee of the students. The students get up at half past four early in the morning and recite their prayers. All of them enjoy the beauty of the morning. Then having swept their rooms clear they take physical exercise in the open air.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଦଇବ ବଶେ ବିଦେଶେ ରହି, ରସିକବର ଭୃଙ୍ଗକୁ କହି
ଅଦଣ୍ଡ କୁସୁମ କୋଦଣ୍ଡ କାଣ୍ଡରୁ ବଳି ତ ଦଣ୍ଡ ବ୍ରହ୍ମାଣ୍ଡେ ନାହିଁ ।
ମହାସୁଖ ନାହିଁ ଦୟିତରୁ କି କାର୍ଯ୍ୟ କୁବେର ସମ୍ପତ୍ତିରୁ
ଜୀବନ ଯିବାର ବଡ଼ ତ ନୁହଇ ଯୁବାଙ୍କୁ ଯୁବତୀ ବିଚ୍ଛେଦରୁ ।
ପରମ ପଦାର୍ଥ ପୀରତିରୁ ବଡ଼ ହୋଇ ସୁଖ ସୁରତରୁ
ନାହିଁ ନ ଥିବ ନୋହିବ ସର୍ବମତେ ତହିଁକି ପ୍ରତିକାରଣ ଚୀରୁ ।
ରତି ହୋଇ ଯେଉଁ ଦ୍ୱି-ଅକ୍ଷର ପାଟଣାର ଯିବାକୁ ପଞ୍ଜର
ନିଜ ବଲ୍ଲରୀ ନାମ ଦେଇଛି ଏଣୁ ସେ ନାଗରଗଣେ ସାର ।

—ରସିକ ହାରାବଳୀ (କବିସମ୍ରାଟ ଉପେନ୍ଦ୍ର ଭଞ୍ଜ)

Driven by fate, the lover went abroad
And there beholding the bee
Said unto it, "There is no punishment
Higher in all the world
Than the smiting
Of the shafts of the ungovernable love-god"
Life's highest bliss is the beloved,
And if she were near, of what use
Are all the treasures of the god of wealth ?
Even the departing of life from the body
Is not so fraught with pain
As the separation from her company.
There is, was or will be no bliss higher than love
Or felicity more covetable than to mingle
in the beloved's person

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

The source of such bliss and felicity is alone SHE.
The god of love named his consort *Rati* (meaning coition)
The idea being never to be oblivious of the bliss it meaneth.
It is the reason why he is the prince among lovers.

From *Rasikaharabali*
(By Kabisamrat Upendra Bhanja)
Translated by Sri Bichhanda Charan Pattanayak.

(14)

ଏଥୁଅନ୍ତେ ଶୁଣ ରସ　　　ଗ୍ରୀଷମେ ନଶି ପ୍ରବେଶ
ଉଦୟ୍ତ ତାସ୍ମ-ଜୀବେଷ ହେଲେ ଆକାଶେ ।
ଚକ୍ର-ସୁଖ ଚକ୍ର-ନକ୍ର　　　ଛେଦନେ-ସ୍ୱୀରକଚକ୍ର
ଫିଙ୍ଗିଛି ତାଡ ସିଦ୍ଧିରେ କାମ କ ଘୋଷେ ।
ବେଶ ହେବ କ ଘାଡ଼ି ବାଳୀ ।
ସ୍ଫଟିକ ପେଡିରେ କବା କସ୍ତୁଘ ଦଳ ॥

ଅଙ୍ଗ କ ବସ୍ତ୍ରବଘକ　　　ହୋଇବ ବଭ୍ର ବର କ
ମଲ୍ଲିମାଳା ଦେଇ ବଧୂ କରଣେ ମଣି ।
ଏ ବଚତ୍ର ସ୍ୱୟମ୍ବର　　　ନାୟକ ବରଲ ବର
ଏତେକାଳେ ଦେଖାଦେଲ ଏ କଥା ପୁଣି ।
ରବଙ୍କରେ ମହାମହଲା ।
ତାପି ହୋଇଥିଲ କ ଚନ୍ଦନ ଲେପିଲ ॥

—ଲବଣ୍ୟବତୀ (କବସମ୍ରାଟ ଉପେନ୍ଦ୍ର ଭଞ୍ଜ)

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Attend ye all to this topic in the romance.
Summer it is and the night hath come on.
The lord of stars (the moon) doth arise in the sky.
Even as Lord *Sreekrushna* his father did hurl
His disc to kill the alligator

So disc-like the love-god hath hurled the moon into the
welkin to kill the happiness of the *Chakrabaka* couple.
With a black mark the maiden night is to deck her brow,
The moon, as it were, is the crystal slab for her
to prepare the *Kasturi* paste on.

Meseemeth with the beams as a garland of *Malli* flowers
Bidhu (the moon) is courting *Bibhabari* (the night)
Strange is this *Swayambar* indeed : a male courting
a female happening so many ages after !!

The maiden Earth had been tormented with summer heat
Sandal-paste-like the moonbeams got
besmeared over her person.

From *Labanyabati*

(By Kabisamrat Upendra Bhanja)

Translated by Sri Bichhanda Charan Pattanayak.

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

Passages For Translation

ଅନୁବାଦ ପାଇଁ ଅନୁଚ୍ଛେଦାବଳୀ

(Anubāda pāiñ anuchchhēdābaḷī)

Translate into English :—

ମୁଁ ଜଣେ କୃଷକର ପୁତ୍ର । କଟକ ଜିଲ୍ଲାର ଗୋଟିଏ କ୍ଷୁଦ୍ର ଗ୍ରାମରେ ମୋର ଜନ୍ମ । ମୋର ଗୋଟିଏ ବଡ଼ ଭାଇ ଓ ଗୋଟିଏ ସାନ ଭଉଣୀ ଅଛନ୍ତି । ମୋର ବାପା ଭାରି ଗରିବ ଥିଲେ । ତେଣୁ ସେ ଆମ୍ଭମାନଙ୍କୁ ପଢ଼ାଇ ପାରି ନ ଥିଲେ (could not send us to school) । କିନ୍ତୁ ମୋର ଲେଖାପଢ଼ା ପାଇଁ ପ୍ରବଳ ଇଚ୍ଛା ଥିଲା । ମୋର ବାପା ପ୍ରତିଦିନ ସକାଳେ ମୋତେ ମେଣ୍ଢା ଚରାଇବାଲାଗି (to graze the sheep) ପଠାଉଥିଲେ । ମୋତେ ସେ କାମ ଆଦୌ ଭଲ ଲାଗୁ ନ ଥିଲା ।

ଜଳ ଆମ୍ଭମାନଙ୍କର ପ୍ରଧାନ ପାନୀୟ (chief drink) । ଆମ୍ଭେମାନେ ଜଳ ବ୍ୟତୀତ ବଞ୍ଚି ପାରିବୁ ନାହିଁ । ଜଳ ବିନା ଗଛଲତା ସବୁ ବଞ୍ଚି ପାରିବେ ନାହିଁ । ଆମ୍ଭେମାନେ ଜଳ ସାହାଯ୍ୟରେ ଖାଦ୍ୟଦ୍ରବ୍ୟ ରନ୍ଧନ କରୁ । ଲୁଗାପଟା ସଫା କରିବା (to wash clothes) ପାଇଁ ଜଳ ବ୍ୟବହାର କରିଥାଉଁ । ଆମ୍ଭମାନଙ୍କର ବାସନକୁସନ (utensils) ପରିଷ୍କାର କରିବା ଲାଗି ଜଳ ଦରକାର । ନିଆଁ ଲିଭାଇବା (extinguish) ପାଇଁ ଜଳର ଆବଶ୍ୟକ । ପୋଖରୀ, ନଦୀ, ହ୍ରଦ ଓ ସମୁଦ୍ରରୁ ଜଳ ମିଳିଥାଏ । ଏହି ଜଳ କେଉଁଠାରୁ ଆସେ ଜାଣ କି ? ଏହା ମେଘରୁ (cloud) ଆସେ ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ବହୁକାଳ ପୂର୍ବେ (Long ago) ଅଯୋଧ୍ୟାରେ ଜଣେ ରାଜା ଥିଲେ । ତାଙ୍କର ନାମ ଦଶରଥ । ଦଶରଥଙ୍କର ଚାରିଗୋଟି ପୁତ୍ର ଥିଲେ । ସେମାନଙ୍କ ମଧ୍ୟରେ ରାମ ସବୁଠାରୁ ବଡ଼ ଥିଲେ । ରାମ ସୀତାଙ୍କୁ ବିବାହ କରିଥିଲେ । ଲଙ୍କାରେ ରାବଣ ନାମରେ ଜଣେ ରାଜା ଥିଲେ । ରାବଣ ପଞ୍ଚବଟୀ ବନରୁ ସୀତାଙ୍କୁ ଚୋରିକରି ନେଇ ଯାଇଥିଲେ । ରାମ ରାବଣ ସହିତ ଯୁଦ୍ଧ କରି ତାହାଙ୍କୁ ବଧ କଲେ । ତା'ପରେ ସେ ସୀତାଙ୍କୁ ଘେନି ଅଯୋଧ୍ୟାକୁ ଫେରି ଆସିଲେ । ଅଯୋଧ୍ୟାର ଲୋକମାନେ ରାମ ଓ ସୀତାଙ୍କୁ ଦେଖି ଭାରି ଖୁସିହେଲେ ।

ଗୋଟିଏ କୁକୁର ପାଟିରେ ଖଣ୍ଡିଏ ମାଂସ (a piece of meat) ଧରି ନଦୀ ପାରି ହେଉଥିଲା । ନଦୀର ଜଳରେ ତା'ର ଯେଉଁ ଛାଇ ପଡ଼ୁଥିଲା, ସେହି ଛାଇକୁ ସେ ଅନ୍ୟ ଗୋଟିଏ କୁକୁର ବୋଲି ଭାବିଲା । ସେ କୁକୁରଟି ପାଟିରେ ଖଣ୍ଡେ ମାଂସ ଧରିଥିବାର ସେ ଦେଖି ପାରିଲା । ତାହା ଦେଖି ତାହାର ମନରେ ଲୋଭ ହେଲା । ସେହି ମାଂସଖଣ୍ଡର ଲୋଭରେ ସେ ତାହାକୁ ଧରିବାପାଇଁ ନଦୀ ଭିତରକୁ ଡେଇଁ ପଡ଼ିଲା (jumped into the river) । ସଙ୍ଗେ ସଙ୍ଗେ ତାହାର ନିଜର ପାଟିରେ ଥିବା ମାଂସଖଣ୍ଡଟି ପାଣିରେ ପଡ଼ି ଭାସିଗଲା । ପାଣିରେ କୁକୁରଟି ଅନ୍ୟ କୌଣସି କୁକୁର ଦେଖିବାକୁ ପାଇଲା ନାହିଁ ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଆମ ଦେଶର ଅନେକ ଲୋକ ମାଛ ଖାଇବାକୁ ଭଲ ପାଆନ୍ତି । ଏହା ଗୋଟିଏ ପୁଷ୍ଟିକର (nutritious) ଖାଦ୍ୟ । ସମୁଦ୍ର, ନଦୀ, ହ୍ରଦ ଓ ପୋଖରୀମାନଙ୍କରୁ ନାନା ଉପାୟରେ ମାଛ ଧରାଯାଏ । ସମୁଦ୍ରରେ ଜୁଆର ସମୟରେ ଧୀବରମାନେ ଅନେକ ମାଛ ଧରନ୍ତି । ସମୁଦ୍ର ମାଛ ଛଡ଼ା ଓଡ଼ିଶାର ହ୍ରଦମାନଙ୍କରେ ମଧ୍ୟ ପ୍ରଚୁର ମାଛ ମିଳେ (available) । ଚିଲିକା ଓଡ଼ିଶାର ସବୁଠାରୁ ବଡ଼ ହ୍ରଦ । ଏହା ବଙ୍ଗୋପସାଗର ସହିତ ଲାଗିଥିବାରୁ (connected) ଏହାର ପାଣି ଲୁଣିଆ । ଏହି ହ୍ରଦଟି ଓଡ଼ିଶାର ମାଛ ବ୍ୟବସାୟର ଗୋଟିଏ କେନ୍ଦ୍ରସ୍ଥାନ । ଧୀବରମାନେ ପ୍ରତିଦିନ ଡଙ୍ଗାରେ ହ୍ରଦକୁ ଯାଇ ଜାଲଦ୍ୱାରା ନାନା ଜାତିର ମାଛ ଧରନ୍ତି । ବ୍ୟବସାୟୀମାନେ ସେଥିରୁ ଅନେକ ମାଛ ବରଫ ସହିତ କାଠ ବାକ୍ସରେ ବନ୍ଦ କରନ୍ତି (pack up) । ସେହି ମାଛ ରେଲ୍-ଗାଡ଼ିରେ ଓଡ଼ିଶାର କେତେକ ସ୍ଥାନକୁ ଓ କଲିକତା, ଜାମସେଦପୁର ପ୍ରଭୃତି ବଡ଼ ବଡ଼ ସହରକୁ ପଠାଯାଏ ।

ଆଫ୍ରିକା ମହାଦେଶରେ (continent) କଂଗୋ ନାମରେ ଗୋଟିଏ ଦେଶ ଅଛି । ସେ ଦେଶ ଘୋର ଜଙ୍ଗଲପୂର୍ଣ୍ଣ । ବର୍ଷସାରା ସେଠାରେ ପ୍ରବଳ ବର୍ଷା ହୁଏ । ଚାରିଆଡ଼ ସନ୍ତସନ୍ତିଆ (all parts are swampy) । ମଶା, ମାଛି ଓ ପୋକଙ୍କ ସଂଖ୍ୟା ଖୁବ୍ ବେଶି । ସାପ, କୁମ୍ଭୀର ଓ ମାଙ୍କଡ଼ ମଧ୍ୟ ବହୁତ । ମନୁଷ୍ୟ ପକ୍ଷରେ ଏ ଅଞ୍ଚଳରେ ବାସ କରିବା ପ୍ରାୟ ଅସମ୍ଭବ (impossible) । ତଥାପି 'ପିଗ୍ମି' ବୋଲି ଏକ ଜାତିର ଲୋକ (a kind of people) ଏଠାରେ ବାସ କରନ୍ତି । ସେମାନେ ସମସ୍ତେ ବାମନ । ସେ ଦେଶର ବଡ଼ ମନୁଷ୍ୟ ଆମ ଦେଶର ୧୨ ବର୍ଷ ପିଲାଠାରୁ ଉଚ୍ଚତାରେ ସାନ । ସେମାନେ କେବଳ ବନ୍ୟଜନ୍ତୁ ଶିକାର କରନ୍ତି ଓ ସେମାନଙ୍କର ମାଂସ ଖାଇ ଜୀବନ ଧାରଣ କରନ୍ତି (live on) ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ଥରେ ବଲ୍ଲଡର ଗୃହଜଣ ଲୋକ ବୁଲିବା ପାଇଁ ଦକ୍ଷିଣ ଆମେରିକା ଯାଇଥିଲେ । ସେମାନେ ଯାଉ ଯାଉ ବାଟରେ ଗୋଟିଏ ଶସ୍ୟକ୍ଷେତ୍ର ଦେଖିଲେ । ସେଠାରେ ଗୋଟିଏ ବୁଢ଼ା ବଡ଼ ପାଟିକରି କାନ୍ଦୁଥିଲା । ତହୁଁ ସେମାନେ ତାକୁ ପଚାରିଲେ, "ତୁମେ କାନ୍ଦୁଛ କାହିଁକି ? ତୁମର ବୟସ କେତେ ?" ସେ ଉତ୍ତର ଦେଲା, "ମୋତେ ୯୦ ବର୍ଷ । ବାପା ମୋତେ ମାରିବାରୁ ମୁଁ କାନ୍ଦୁଛି" । ପଥିକଙ୍କ ଭିତରୁ ଜଣେ ପଚାରିଲେ, "ଆଛା ତୁମର ବାପା କେଉଁଠି ଅଛନ୍ତି ?" ସେ ବୁଢ଼ା କହିଲା, "ମୋ ବାପା ସେଠାରେ କୋଡ଼ିରେ (shovel) ମାଟି ହାଣୁଛନ୍ତି" । ସେ ପଥିକମାନେ ମାଟି ହାଣୁଥିବା ବୁଢ଼ାଙ୍କ ପାଖକୁ ଯାଇ କହିଲେ, "ତୁମକୁ କେତେ ବର୍ଷ ? ତୁମେ ସେ ବୁଢ଼ାକୁ ମାରିଲ କାହିଁକି ?" ଦ୍ୱିତୀୟ ବୁଢ଼ାଟି କହିଲେ, "ମୋତେ ୧୧୫ ବର୍ଷ, ସେ ଟୋକା ଭାରି ଚଗଲା (wayward) । ମୋ ବାପା ସହିତ କଳି କରୁଛି । ତେଣୁ ତାକୁ ଦୁଇ ଗୃପୁଡ଼ା (slap) ଦେଲି" ।

ରବି—ବାପା, ପାରାଦ୍ୱୀପ କେଉଁଠି ?

ବାପା—ଆଚ୍ଛା, ତୁ ଆଗେ କହିଲୁ, ଓଡ଼ିଶାର ପ୍ରଧାନ ସହର କିଏ ?

ରବି—କଟକ ।

ବାପା—ପାରାଦ୍ୱୀପ କଟକ ସହରଠାରୁ ପୂର୍ବ ଦିଗକୁ ୬୦ ମାଇଲ ଦୂରରେ । ମହାନଦୀ ଓ ସମୁଦ୍ର ଯେଉଁଠି ମିଶିଛନ୍ତି, ସେହିଠାରେ ଏହି ବନ୍ଦର ତିଆରି ହୋଇଅଛି ।

CC-O. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

ରବି—ମହାନଦୀ ପରା ବତୀଘରଠାରେ ସମୁଦ୍ରରେ ପଡ଼ୁଛି । ତେବେ କ'ଣ ବତୀଘର ଓ ପାରାଦ୍ୱୀପ ଏକ ସ୍ଥାନ (one and the same place) ?

ବାପା—ନାହିଁ । ବତୀଘର ଓ ପାରଦ୍ୱୀପ ଖୁବ୍ ପାଖ (close to each other) ହେଲେ ମଧ୍ୟ ଦୁଇଟିଯାକ ସ୍ଥାନ ଅଲଗା (separate) । ମହାନଦୀ ସରୁ ସରୁ ଧାର (narrow channels) ହୋଇ ସମୁଦ୍ରରେ ମିଶିଛି । ଏହି ଧାରଗୁଡ଼ିକ ଖୁବ୍ ଛୋଟ । ଏମାନଙ୍କ ମଝିରେ ଯେଉଁ ଭୂମିଖଣ୍ଡମାନ (patches of land) ରହିଛି, ସେଥିରୁ ଗୋଟିକର ନାମ ପାରଦ୍ୱୀପ । ଏହି ସ୍ଥାନରୁ ୨।୩ ମାଇଲ ଆଗକୁ ଗଲେ, ସମୁଦ୍ର ଭିତରେ ପହଞ୍ଚିବ ।

Translate into Oriya :—

A crow stole a piece of bread. It sat on the branch of a tree and began to eat it. A fox sitting under the tree saw the crow and the bread. It wanted to snatch the bread but could not. She thought of a trick. She began to praise the crow and said how beautiful it could sing ! She asked the crow to sing her a beautiful song. The crow

CC-0. Nanaji Deshmukh Library, BJP, Jammu. An eGangotri Initiative

Vinay Avasthi Sahib Bhuvan Vani Trust Donations

was flattered and opened its beak to sing a song. Immediately the piece of bread slipped and fell on the earth. The fox was very happy and ate it. The crow was disappointed.

